ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୫, ଅକ୍ଟୋବର ୨୪**

# ଅଯୋଗ୍ୟଙ୍କୁ ନିଯୁକ୍ତି : ଯୋଗ୍ୟ ବଂଚିତ



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ରାଜ୍ୟରେ ବାରମ୍ବାର ନିଯୁକ୍ତି ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ପ୍ରଘଟ ଏବଂ ଏଥିରେ ବ୍ୟାପକ ଅର୍ଥ କାରବାର, ପରୀକ୍ଷା ବାତିଲ ଘଟଣା ଆଦି ରାଜ୍ୟରେ ସରକାରୀ ଚାକିରୀ ବିକ୍ରି ହେଉଥିବା ନେଇ ସ୍ପଷ୍ଟ ସଂକେତ ପ୍ରଦାନ କରୁଛି । ଯାହାର ପରିଣତି ସ୍ୱରୁପ ମେଧାବୀ ତଥା ଯୋଗ୍ୟ ଛାତ୍ରଛାତ୍ରୀ, ଯୁବକଯୁବତୀ ସରକାରୀ ଚାକିରୀ ପାଇବାରୁ ବଂଚିତ ହେଉଥିବାବେଳେ ମୋଟା ଅଙ୍କର ଲାଂଚ ଦେଇପାରୁଥିବା ଅଯୋଗ୍ୟ ଚାକିରି ପାଇବାରେ ସକ୍ଷମ ହେଉଛନ୍ତି ବୋଲି କହିଲେ ହୁଏତ ଅତିରଂଜିତ ହୋଇନପାରେ । ବିନା ଲାଂଚରେ ଚାକିରି ମିଳେ ନାହିଁ, ଏଭଳି କଥା ଆମେ ହେତୁ ପାଇବା ଦିନଠାରୁ ଶୁଣି ଆସିଛୁ । କହିବା ବାହୁଲ୍ୟ ଯେ, ଦେଶରେ ତଥା ଆମ ରାଜ୍ୟରେ ବେକାରୀ ସମସ୍ୟା ଯାହା, ସେଥିରେ ଚତୁର୍ଥ ଶ୍ରେଣୀ ପିଅନ ଚାକିରିଟିଏ ପାଇଁ ଏମବିଏ, ପିଏଚଡି ଡିଗ୍ରୀଧାରୀ, ଆବେଦନ କରିବାକୁ କୁଣ୍ଠାବୋଧ କରୁନାହାଁନ୍ତି । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ନିଯୁକ୍ତି ମେଳା, ଜରିଆରେ ଯେତିକି ନିଯୁକ୍ତି ପତ୍ର ପ୍ରଦାନ କରୁଛନ୍ତି, ତାହା ସମୁଦ୍ରକୁ ଶଙ୍ଖେ ସଦୃଶ । ରିପୋର୍ଟ ପ୍ରକାଶ ପାଇଛି ଯେ, ଗତ ୧୫ମାସରେ ମଧ୍ୟରେ ୧୬ଟି ନିଯୁକ୍ତି ପରୀକ୍ଷା ବାତିଲ ହୋଇଛି । ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ପ୍ରଘଟ ଯୋଗୁଁ ପରୀକ୍ଷା ବାତିଲ କରାଯାଇଛି । ଗତ କିଛି ମାସ ମଧ୍ୟରେ ସ୍ୱତନ୍ତ୍ର ଶିକ୍ଷକ ଯୋଗ୍ୟତା ପରୀକ୍ଷା, ରାଜସ୍ୱ ନିରୀକ୍ଷକ (ଆରଆଇ), ଅମିନ, ଆସିଡ଼ଏସ, ସୁପରଭାଇଜର, ଓଡିଶା ଶିକ୍ଷକ ସାମର୍ଥ୍ୟ ପରୀକ୍ଷା (ଓଟିଇଟି) ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ବାତିଲ ହୋଇଥିବା ଏବେ ପୋଲିସ ଏସଆଇ ନିଯୁକ୍ତି ପରୀକ୍ଷା ବାତିଲ ସମଗ୍ର ରାଜ୍ୟରେ ଉଭୟ ରାଜନୈତିକ ସ୍ତରରେ ଏବଂ ସାଧାରଣ ଲୋକଙ୍କ ମଧ୍ୟରେ ତୀବ୍ର ଆଲୋଡନ ସୃଷ୍ଟି କରିଛି । ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ପ୍ରଘଟ ଏବଂ ଆନ୍ଧ୍ରରୁ ଶ୍ରୀକାକୁଲମରୁ ୧୧୭ ଜଣ ପରୀକ୍ଷାର୍ଥୀ ଗିରଫ ହେବା ଘଟଣା ଏଥିରେ ଦୁର୍ନୀତିର ଗଭୀରତାକୁ ପ୍ରମାଣିତ କରୁଛି । କୁହାଯାଇଛି ଯେ, ଗିରଫ ପ୍ରତି ପରୀକ୍ଷାର୍ଥୀଙ୍କ ଠାରୁ ଆଗୁଆ ୧୦ଲକ୍ଷ ଟଙ୍କା ଲେଖାଏଁ ନିଆଯାଇଥିବାବେଳେ ନିଯୁକ୍ତି ପରେ ଆଉ ୧୫ଲକ୍ଷ ଟଙ୍କା ଲେଖାଏଁ ନିଆଯାଇଥିଲା । ଗୋଟିଏ ପୋଲିସ ଏସଆଇ ଚାକିରୀ ୨୫ଲକ୍ଷ ଟଙ୍କାରେ ବିକ୍ରୀ ପାଇଁ ମୂଲଚାଲ ହୋଇଥିଲା । ଅଗ୍ରୀମ ୧୦ଲକ୍ଷ ଟଙ୍କା ଲେଖାଏଁ ଦେଇଥିବା ଚାକିରି ଆଶାୟୀଙ୍କୁ ପୂର୍ବରୁ ପରୀକ୍ଷା ପାଇଁ ପ୍ରସ୍ତୁତ ହେବା ଏବଂ ତାଲିମ ଦେବା ପାଇଁ ଆନ୍ଧ୍ରପ୍ରଦେଶକୁ ନିଆଯାଉଥିଲା ବୋଲି କୁହାଯାଏ । ବର୍ତମାନର ସରକାର ଦୁର୍ନୀତି ପ୍ରତି ଶୂନ ସହନଶୀଳତ ଥିବା ଡିଣ୍ଡିମ ପିଟୁଥିବା ବେଳେ ଏଥିରେ ପଦସ୍ଥ ଅଧିକାରୀ, ପ୍ରଭାବଶାଳୀ ବ୍ୟକ୍ତିବିଶେଷଙ୍କ ପ୍ରତ୍ୟକ୍ଷ ସମ୍ପୃକ୍ତିକୁ ଅସ୍ୱୀକାର କରାଯାଇନପାରେ । ଘଟଣାର କ୍ରାଇମବ୍ରାଂଚ ତଦନ୍ତ କରୁଥିବାବେଳେ ବର୍ତମାନ ସୁଦ୍ଧା ୧୨୧ଜଣଙ୍କୁ ଗିରଫ କରିଥିବା ଦାବି କରିଛି । ଗିରଫଙ୍କ ମଧ୍ୟରେ ୧୧୭ଜଣ ପରୀକ୍ଷାର୍ଥୀ ଥିବାବେଳେ ୪ଜଣ ଦଲାଲ (ମଧ୍ୟସ୍ଥି) ଅଛନ୍ତି । କିନ୍ତୁ କୌଣସି ବଡବଡିଆ ଅଧିକାରୀ କିମ୍ବା ପ୍ରଭାବଶାଳୀ ବ୍ୟକ୍ତିବିଶେଷ ଗିରଫଙ୍କ ମଧ୍ୟରେ ନାହାଁନ୍ତି । ସେହିପରି ପୋଲିସ ଏସଆଇ ନିଯୁକ୍ତି କ୍ଷେତ୍ରରେ ପ୍ରଶାସନିକ ଷଡଯନ୍ତ୍ରକୁ ଅଣଦେଖା କରାଯାଇନପାରେ । ରାଜ୍ୟରେ ତିନୋଟି ପ୍ରମୁଖ ସରକାରୀ ନିଯୁକ୍ତି ସଂସ୍ଥା ତଥା ଓଡିଶା ଲୋକସେବା ଆୟୋଗ, ଓଡିଶା ଷ୍ଟାଫ୍ ସିଲେକସନ୍ କମିଶନ ଏବଂ ଓଡିଶା ସବ୍‌ଅର୍ଡିନେଟ ଷ୍ଟାଫ ସିଲେକସନ୍ ସଂସ୍ଥା ଥିବାବେଳେ ଓଡିଶା ପୋଲିସ ନିଯୁକ୍ତି ବୋର୍ଡର ତୃତୀୟ ପକ୍ଷ ତଥା ଘରୋଇ ସଂସ୍ଥାକୁ ପରୀକ୍ଷା ପରିଚାଳନା ଦାୟିତ୍ୱ ଦେବା ପରୀକ୍ଷାରେ ସ୍ୱଚ୍ଛତା, ନିରପେକ୍ଷତା ସନ୍ଦେହ ଘେରକୁ ଠେଲି ଦେଇଥିବାବେଳେ ପ୍ରଶାସନିକ ଅଧିକାରୀଙ୍କ ଷଡଯନ୍ତ୍ର ସ୍ପଷ୍ଟ ବାରି ହୋଇପଡୁଛି ବୋଲି କୁହାଯାଇପାରେ । ନିକଟରେ ରାଜ୍ୟରେ ଶିକ୍ଷକ ନିଯୁକ୍ତି ପାଇଁ ସ୍ୱତନ୍ତ୍ର ଶିକ୍ଷକ ଯୋଗ୍ୟତା ପରୀକ୍ଷାର ଠିକ୍ ପୂର୍ବ ରାତିରେ ପ୍ରଶ୍ନପତ୍ର ପ୍ରଘଟ ଯୋଗୁଁ ପରୀକ୍ଷାକୁ ହଠାତ ବାତିଲ କରାଯାଇଥିଲା । ଏହି ଘଟଣାରେ ଓଡିଶା ମାଧ୍ୟମିକ ଶିକ୍ଷା ବୋର୍ଡ ଉପସଭାପତିଙ୍କ ସହ କେତେକ ଅଫିସର ଓ ଶିକ୍ଷକଙ୍କୁ ଗିରଫ କରାଯାଇଥିଲା । ସେମାନେ ଏବେ ଜେଲରେ ଅଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ରାଜ୍ୟରେ ବାରମ୍ବାର ନିଯୁକ୍ତି ପରୀକ୍ଷାରେ ପ୍ରଶ୍ନପତ୍ର ପ୍ରଘଟ ଓ ଦୁର୍ନୀତିକୁ ରୋକିବା ତଥା ପରୀକ୍ଷା ବ୍ୟବସ୍ଥାକୁ ସ୍ୱଚ୍ଛ, ନିରପେକ୍ଷ ଏବଂ ବିଶ୍ୱସନୀୟ କରିବା ପାଇଁ ସରକାର 'ଓଡିଶା ସାର୍ବଜନୀନ ପରୀକ୍ଷା (ଅନୁଚିତ ସାଧନର ନିବାରଣ) ଆଇନ-୨୦୨୪ ପ୍ରଣୟନ କରିଛନ୍ତି । ଆଇନରେ ୫ବର୍ଷରୁ ୧୦ବର୍ଷ ପର୍ଯ୍ୟନ୍ତ ଜେଲ୍ ଏବଂ କୋଟିଏ ଟଙ୍କା ପର୍ଯ୍ୟନ୍ତ ଜରିମାନା ଦଣ୍ଡବିଧାନ ରହିଛି । ରାଜ୍ୟରେ କଠୋର ଆଇନ ଥିବା ସତ୍ୱେ ନିଯୁକ୍ତି ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ କମିବା ପରିବର୍ତେ ବଢିଚାଲିଛି । ଯାହାକି ନିକଟରେ ଦୁଇଦୁଇଟି ଗୁରୁତ୍ୱପୂର୍ଣ୍ଣ ପ୍ରତିଯୋଗିତା ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ପ୍ରଘଟ ଘଟଣା ପ୍ରମାଣିତ କରେ । ଆଇନ ପ୍ରଣୟନ ହେବାର ଇତିମଧ୍ୟରେ ୧୦ମାସ ବିତିଗଲାଣି, କିନ୍ତୁ ପ୍ରଶ୍ନପତ୍ର ପ୍ରଘଟ ପାଇଁ କେତେଜଣଙ୍କୁ ଜେଲ ଓ ଜରିମାନା ଦଣ୍ଡରେ ଦଣ୍ଡିତ କରାଯାଇଛି । ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେବା ସ୍ୱଭାବିକ । ପୋଲିସ ଏସ.ଆଇ ନିଯୁକ୍ତି ପରୀକ୍ଷା ବାତିଲର ବିଚାର ବିଭାଗୀୟ ତଦନ୍ତ କରି ଦୋଷୀଙ୍କ ବିରୁଦ୍ଧରେ କଠୋର ଦଣ୍ଡବିଧାନ ଆବଶ୍ୟକ । ଭବିଷ୍ୟତରେ ଯେପରି ଏଭଳି ଘଟଣାର ପୁନରାବୃତି ଘଟିବା ସହ ଯୋଗ୍ୟ ମେଧାବୀଙ୍କ ମଧ୍ୟରେ ନୂତନ ଆଶା ସଂଚାର କରିବାରେ ସହାୟକ ହେବ । ଅନ୍ୟଥା ଟଙ୍କା ବଳରେ ଅଯୋଗ୍ୟ ନିଯୁକ୍ତି ପାଇବା ଏବଂ ଯୋଗ୍ୟ ବଂଚିତ ହେବା ସାର ହେବ ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ

# ଗୋପବନ୍ଧୁ ଦୀନବନ୍ଧୁ



ଇନ୍ଦୁ ଭୂଷଣ ଭୂୟାଁ (ବାଦଲ)

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଉତ୍କଳମାତାର ଯୋଗ୍ୟତମ ସନ୍ତାନ । ସମାଜ ସେବା କ୍ଷେତ୍ରରେ ଗୋପବନ୍ଧୁଙ୍କ ଦାନ ଅତୁଳନୀୟ । ତୁଳସୀ ଦୁଇ ପତ୍ରରୁ ବାସିବା ପରି ଗୋପବନ୍ଧୁଙ୍କ ସେବା ମନୋବୃତିର ପରିପ୍ରକାଶ ପିଲାଟି ଦିନରୁ ଘଟିଥିଲା । ଗୋପବନ୍ଧୁ ଥିଲେ ରୂପାଦେଇପୁର ଭର୍ଣ୍ଣାକୁଲାର ସ୍କୁଲର ଛାତ୍ର । ଏକଦା ସ୍କୁଲ ପଣ୍ଡିତଙ୍କ ଦେହ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କ ପାଇଁ ଲେମ୍ବୁଟିଏ ଯୋଗାଡ଼ କରିବାକୁ ଗୋପବନ୍ଧୁ ଭାର୍ଗବୀ ନଦୀର ଖଇଫୁଟା ବାଲି ଉପରେ ଚାଲିଥିଲେ । ପଣ୍ଡିତଙ୍କୁ ଲେମ୍ବୁ ପାଣି ପିଆଇବା ପରେ ପଣ୍ଡିତ ସେଦିନ କହିଥିଲେ 'ଗୋପ ଦିନେ ଭାରି ବଡ଼ ଲୋକ ହେବ । ଦୀନ, ଦୁଃଖୀ, ଦରିଦ୍ରଙ୍କ ସେବାରେ ଜୀବନ ଉତ୍ସର୍ଗ କରିବ ।' ପଣ୍ଡିତଙ୍କ କଥା ସତ ହେଲା । ଦୀନ, ଦୁଃଖୀଙ୍କ ସେବାରେ ଗୋପବନ୍ଧୁ ସଳିତା ଭଳି ଆଜୀବନ ଜଳିଥିଲେ ଏବଂ ପାଲଟି ଯାଇଥିଲେ ସମଗ୍ର ଉତ୍କଳର ତ୍ରାଣକର୍ତା । ଗୋପବନ୍ଧୁ କେବଳ ଜନସେବକ ନଥିଲେ; ଏକାଧାରରେ ସେ ଦେଶପ୍ରେମୀ, ସଂଗଠକ, ସଂସ୍କାରକ, ସାହିତ୍ୟିକ ଓ ବାଗ୍ମୀ ଥିଲେ । ୧୯୦୯ରେ ପ୍ରତିଷ୍ଠା କରିଥିଲେ ସାକ୍ଷୀଗୋପାଳ ବନ ବିଦ୍ୟାଳୟ । ଏହାଥିଲା ଆଦର୍ଶ ମାନବ ନିର୍ମାଣ କାରଖାନା । ୧୯୨୧ରେ ମହାତ୍ମା ଗାନ୍ଧୀ ପ୍ରଥମ ଥର ଓଡ଼ିଶା ଆସିଥିବାବେଳେ ବନ ବିଦ୍ୟାଳୟ ପରିଦର୍ଶନ କରିଥିଲେ । ପରେ ସେ ୟଙ୍ଗ ଇଣ୍ଡିଆରେ ଲେଖିଥିଲେ ଏ ଭଳି ନିଷ୍ପାପର ଶିକ୍ଷକ ଓ ଛାତ୍ର ଯଦି ଦେଶରେ ସୃଷ୍ଟି ହୁଅନ୍ତେ, ତେବେ ବର୍ଷକ ମଧ୍ୟରେ ସ୍ୱରାଜ୍ୟ ଲାଭ କରିବା କିଛି ବିସ୍ମୟକର କଥା ନୁହେଁ ବୋଲି ମୋର ବିଶ୍ୱାସ । ଗୋପବନ୍ଧୁ ଥିଲେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ବିନ୍ଧାଣି । ବୈଜ୍ଞାନିକ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟ ଗୋପବନ୍ଧୁଙ୍କୁ ଉତ୍କଳମଣି ଉପାଧି ଦେଇଥିଲେ । ଗୋପବନ୍ଧୁଙ୍କ ପ୍ରସିଦ୍ଧ ସାରସ୍ୱତ ସୃଷ୍ଟି ମଧ୍ୟରୁ ବନ୍ଦୀର ଆତ୍ମକଥା, ଧର୍ମପଦ, କାରା କବିତା, ଗୋ-ମାହାତ୍ମ୍ୟ, ନଚିକେତା ଉପାଖ୍ୟାନ, ଅବକାଶ ଚିନ୍ତା ଅନ୍ୟତମ । ୧୮୭୭, ଅକ୍ଟୋବର ୯ ତାରିଖ ଦିନରେ ସାକ୍ଷୀଗୋପାଳ ଥାନା ଅନ୍ତର୍ଗତ ସୁଆଣ୍ଡୋ ଗ୍ରାମରେ ଜନ୍ମ ହୋଇଥିଲେ ଓଡ଼ିଶାର ମଉଡମଣି ଗୋପବନ୍ଧୁ ଦାସ ।

ଓଡ଼ିଶାର ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡ ଥିଲା ଉତ୍କଳ ପ୍ରାଣ ଗୋପବନ୍ଧୁଙ୍କ କର୍ମ ଓ ତ୍ୟାଗର କ୍ଷେତ୍ର । ଓଡ଼ିଆ ଭାଷା ଆଜି ଏଠାରେ ଦ୍ୱିତୀୟ ରାଜ୍ୟ ଭାଷାର ମର୍ଯ୍ୟାଦା ପାଇଛି । ଉତ୍କଳମଣିଙ୍କ ପ୍ରଧାନ ଓ ପ୍ରଥମ କର୍ମଭୂମି ଥିଲା ସିଂହଭୂମ । କଟକ, ପୁରୀ, ବାଲେଶ୍ୱର ଅଂଚଳରେ ୧୯୨୦ ପର୍ଯ୍ୟନ୍ତ ସେଥିଲେ ଜଣେ ସମାଜସେବୀ । ଗାଁ ଗାଁ ବୁଲି ବଢ଼ି, ମରୁଡ଼ି ସମୟରେ ସ୍ୱେଚ୍ଛାସେବୀ ମାନଙ୍କୁ ଧରି ଚୁଡ଼ା, ଚାଉଳ ବାଣ୍ଟିଥିଲେ । ସିଂହଭୂମର ଚକ୍ରଧରପୁର ଠାରେ ତାଙ୍କ ରାଜନୈତିକ ଜୀବନର ଆରମ୍ଭ ହୋଇଥିଲା କହିଲେ ଭୁଲ ହେବନାହିଁ । ଏଠାରେ ହୋଇଥିବା ଉତ୍କଳ ସମ୍ମିଳନୀ ଅଧିବେଶନରେ ସେ ସମୟର ରାଜନେତା ମାନଙ୍କୁ ବିରୋଧ ଏଇ ସିଂହଭୂମ ମାଟିରୁ କରିଥିଲେ । କଂଗ୍ରେସ ଦଳର ବାର୍ତାକୁ ପ୍ରଚାର ପ୍ରସାର କରି ସେ ସମୟର ନେତା ମାନଙ୍କ ଭିତରେ ମଧ୍ୟରେ ହୋଇପାରିଥିଲେ ଅଗ୍ରଣୀ । ଗୋପବନ୍ଧୁଙ୍କ ଅତି ଆଦରର କର୍ମପୀଠ ସିଂହଭୂମ ଓଡ଼ିଆ ଜାତି ପାଇଁ ଏକ ତୀର୍ଥ ଭୂମିଠୁଁ କମ ନଥିଲା । ୧୯୨୩ ବେଳର କଥା । ସେ ସମୟରେ ଜମିଦାର ମାନଙ୍କର ସେପରି ଥାଟବାଟ ନଥାଏ । ନାମ ଓ ସଞ୍ଜ୍ଞା ସାର ହୋଇ ରହିଯାଇଥିଲେ ରାଜ ପରିବାର, କର୍ପୁର ଉଡିଯାଇ କନା ପଡ଼ି ରହିଥିବା ପରି କଥା । ନାଁ ଥିଲା ଅର୍ଥର ପ୍ରାବଲ୍ୟ ନାଁ କ୍ଷମତା, ପ୍ରତିପତି । ଇଂରେଜ ମାନଙ୍କ କଡ଼ା ଶାସନ ଫଳରେ ଜମିଦାର ମାନଙ୍କର ଗୌରବ, ଗାଥା ସବୁ ଅସ୍ତମିତ ହୋଇ ଆସିଥିଲା । ୧୯୧୨ ମସିହାରେ ବିହାର ସହିତ ଏ ଅଂଚଳକୁ ମିଶେଇ ଦେବା ଫଳରେ ଓଡ଼ିଆ ଭାଷା, କଳା, ସଂସ୍କୃତି ସୁଦ୍ଧ ଲୋପ ପାଇବା ଉପରେ ଥିଲା । କେରା ଆସି ଗୋପବନ୍ଧୁ ଦେଖିଲେ ବିହାରୀମାନେ ଓଡ଼ିଆ ଭାଷାର କଣ୍ଠରୋଧ କରିବା ପାଇଁ ଯେଉଁ ପ୍ରପଂଚ ଚଳେଇଛନ୍ତି ଜମିଦାର ଠାକୁର ଲକ୍ଷ୍ମୀ ନାରାୟଣଙ୍କଠୁ ଶୁଣି ସେ ସ୍ତବ୍ଧ ହୋଇଯାଇଥିଲେ । ଓଡ଼ିଆ ମାରଣ ନୀତି ତାଙ୍କ ମନ ମଗଜକୁ ଦଗ୍ଧ କରିଦେଇଥିଲା । ସିଂହଭୂମର ବିସ୍ତୃତି ଅଂଚଳ ଭ୍ରମଣ କରି, ଚାଇବସା, ଚକ୍ରଧରପୁର, ପୋଡାହାଟ, ଷଢ଼େଇକଳା, ଖରସୁଆଁ ଓ ବହଳାଗୋଡ଼ାର ପଂରୁଳିଆ, ଚୟନପୁର, ଆନନ୍ଦପୁର, ଧଳଭୂମ ଆଦି ଅଂଚଳକୁ ଆସି ସେଠାକାର ବିଶିଷ୍ଟ ଓଡ଼ିଆ ମାନଙ୍କ ସହିତ ସମନ୍ୱୟ ରକ୍ଷା କରି କିପରି ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତିର ସୁରକ୍ଷା ହୋଇପାରିବ ତାର ସରଜମିନ ତଥ୍ୟ ଗ୍ରହଣ କରି ଉପରସ୍ଥ ବ୍ରିଟିଶ ଶାସକ ମାନଙ୍କୁ ବୁଝାଇ ଥିବାର କଥା ନଜରକୁ ଆସେ ।

ୟୁରୋପରେ ବିଶ୍ୱଯୁଦ୍ଧ ଲାଗି ରହିଥିଲା ବେଳେ ସେ ଏଠାରେ ପଇସିକିଆ ଫଣ୍ଡର ଅବଧାରଣା ଆରମ୍ଭ କରିଥିଲେ । କାରଣ ତାଙ୍କ ଦ୍ୱାରା ସ୍ଥାପିତ ଓଡ଼ିଆ ବିଦ୍ୟାଳୟ ସବୁ ଅର୍ଥ ଅଭାବରୁ ବନ୍ଦ ହୋଇନଯାଉ । ୧୭.୧୧.୧୯୨୭ ତାରିଖ ସମାଜରେ ସେ ଲେଖିଥିଲେ ଅର୍ଥ ଅଭାବପରୁ ସିଂହଭୂମ, ଫୁଲଝର ପ୍ରଭୃତି ସ୍ଥାନରେ କରାଯାଇଥିବା ଓଡ଼ିଆ ସ୍କୁଲ ଗୁଡ଼ିକ ଏତେ ବେଳକୁ ଭାଙ୍ଗିଗଲାଣି । ମୁଁ ସେଥିରେ ମର୍ମାହତ । ୧୯୨୨ ପରେ ଗୋପବନ୍ଧୁ ସିଂହଭୂମ ଆଡ଼କୁ ଆଉ ପ୍ରାୟ ଆସି ନାହାନ୍ତି । ତଥାପି କଟକ, ପୁରୀ ଆଦି ଅଂଚଳରେ ରହି ମଧ୍ୟ ସେ ସିଂହଭୂମ ଓଡ଼ିଆ ଆନ୍ଦୋଳନ ପ୍ରତି ଆନ୍ତରିକ ଦୃଷ୍ଟି ରଖିଥିଲେ । ଏ ବିଷୟରେ ୨୨.୧୧.୧୯୨୭ ସଂଖ୍ୟା ସମାଜରେ ପ୍ରକାଶିତ । ସିଂହଭୂମର ବିଶିଷ୍ଟ କବି ଦିଲ୍ଲୀପ ଷଡ଼ଙ୍ଗୀ, ଦେବାନନ୍ଦ ବଟ କବିତାରେ ଗୋପବନ୍ଧୁଙ୍କ ବିଷୟରେ ଲେଖିଥିଲେ, କଟକ ଠୁ ଶହ ଶହ ମାଇଲ ଏ ପାରେ, ଏଇ ସିଂହଭୂମରେ ଯେବେ ଥାପେ ତୁମ ଘଟ, ପୂଜା ପାଇଁ ତୁମରି କଳସ, ଜଣେ ମତେ ପ୍ରଶ୍ନ କଲେ କିଏ ଥିଲେ ଗୋପବନ୍ଧୁ ଦାସ ? ଜଣେ ସମ୍ବାଦିକ ଗୋପବନ୍ଧୁ ଶତ ବାର୍ଷିକ ପାଳିତ ପାଳନ ଅବସରରେ ପଚାରିଥିବା ପ୍ରଶ୍ନ ଗୋପବନ୍ଧୁ କିଏ ଥିଲେ ? ଉତରରେ କବି ଦିଲ୍ଲୀପ ଷଡ଼ଙ୍ଗୀ ଏକଥା ଲେଖିଥିଲେ । ଆଜି ପ୍ରବାସର ଏହି ସୁଦୂର ଝାଡ଼ଖଣ୍ଡର ଟାଟାନଗରରେ ପ୍ରବାସୀ ଓଡ଼ିଆ ମାନଙ୍କ ସହିତ ଗୋପବନ୍ଧୁଙ୍କ ଜୟନ୍ତୀ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ପାଳିତ ହେଉଛି ।

ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି
ପ୍ରତାପ ଆପାର୍ଟମେଂଟ,
୭ ଏକ୍ସଟେନସନ ରୋଡ଼, ପୁରୁଣା
ସୋନାରୀ, ଜାମସେଦପୁର,
ଦୂରଭାଷ : ୭୪୮୮୯୯୮୫୩୨

# 'ବିପର୍ଯ୍ୟୟ ଏବଂ ଜରୁରୀକାଳୀନ ପରିସ୍ଥିତିରେ ମାନସିକ ସ୍ୱାସ୍ଥ୍ୟ ସେବାରେ ପ୍ରବେଶ'



ପ୍ରଫେସର ଡାକ୍ତର ସମ୍ରାଟ କର

ବିଶ୍ୱରେ ମାନସିକ ସମସ୍ୟା ଥିବା ଲକ୍ଷ ଲକ୍ଷ ଲୋକ ମାନବିକ ଅଧିକାରରୁ ବଂଚିତ । ସେମାନଙ୍କୁ ଅଦରକାରୀ ମନେକରି ଅପମାନିତ କରାଯାଉଛି । ଶାରୀରିକ ଓ ମାନସିକ ନିର୍ଯ୍ୟାତନା ମଧ୍ୟ ଦିଆଯାଉଛି । ମାନସିକ ରୋଗୀମାନଙ୍କ ସଂଖ୍ୟା ଦ୍ରୁତଗତିରେ ବଢୁଛି । ମାତ୍ର ସେହି ସେହି ଅନୁପାତରେ ମାନସିକ ରୋଗ ବିଶେଷଜ୍ଞଙ୍କ ସଂଖ୍ୟା କମ । ଆନୁଷଙ୍ଗିକ ଭିତିଭୂମି ଓ ସୁବିଧା ସୁଯୋଗର ଅଭାବ ମାନସିକ ରୋଗୀମାନଙ୍କର ଅଧିକାର ତଥା ମର୍ଯ୍ୟାଦାକୁ ଅଧିକ ହାନୀ କରୁଛି । ପ୍ରତିବର୍ଷ ଅକ୍ଟୋବର ମାସ ୧୦ତାରିଖକୁ ବିଶ୍ୱ ମାନସିକ ଦିବସ ରୂପେ ପାଳନ କରାଯାଉଛି । ଚଳିତବର୍ଷର ସ୍ଲୋଗାନ ବା ବାର୍ତା ରହିଛି ''ବିପର୍ଯ୍ୟୟ ଏବଂ ଜରୁରୀକାଳୀନ ପରିସ୍ଥିତିରେ ମାନସିକ ସ୍ୱାସ୍ଥ୍ୟ ସେବାରେ ପ୍ରବେଶ' । ("Access to Services - Mental Health in Catastrophes and Emergencies".) । ଏହାର ପୂର୍ବ ସାତଦିନକୁ ବିଶ୍ୱ ମାନସିକ ସପ୍ତାହ କୁହାଯାଏ । ଏଥିପାଇଁ ସରକାର ସ୍ତରରୁ ବେସରକାରୀ ସ୍ତର ପର୍ଯ୍ୟନ୍ତ ସାଧାରଣ ଜନତାଙ୍କ ମଧ୍ୟରେ ମାନସିକ ରୋଗ ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବାକୁ ବ୍ୟାପକ କାର୍ଯ୍ୟକ୍ରମ ଆୟୋଜନ କରାଯାଏ । ପ୍ରାୟ ପାଂଚ ହଜାର ବର୍ଷ ତଳେ 'ମନୁସଂହିତା'ରେ ଲେଖା ହୋଇଛି ଯେ 'ମନସାଂ ଶରୀର ତତ୍ୱଃ' । ଶରୀରକୁ ମନ ଚଳାଏ, ମନକୁ ଶରୀର ନୁହେଁ । ସାଧାରଣ ଜନସମାଜ ଏ ପର୍ଯ୍ୟନ୍ତ ମାନସିକ ରୋଗକୁ ଏକ ରୋଗ ବୋଲି ଗ୍ରହଣ କରିପାରି ନାହାନ୍ତି । ଏହା ଭୂତପ୍ରେତର ପ୍ରଭାବ ବା ଦେବଦେବୀଙ୍କ ପ୍ରଭାବ ଯୋଗୁଁ ମନୁଷ୍ୟର ମାନସିକ ବିକୃତି ଘଟୁଛି ବୋଲି ଆଜିପର୍ଯ୍ୟନ୍ତ ସମସ୍ତେ ଭାବୁଛନ୍ତି । ଅନେକ ସମୟରେ ଦେଖାଯାଏ ଯେ ପରିବାରର ଲୋକ ନିଜ ଲୋକକୁ ମାନସିକ ରୋଗଗ୍ରସ୍ତ ହୋଇଛି ବୋଲି ସମାଜରେ ଜଣାଇଦେବାକୁ ଚାହାଁନ୍ତି ନାହିଁ । ତେଣୁ ସେମାନେ ମାନସିକ ରୋଗ ଚିକିତ୍ସକମାନଙ୍କ ପାଖକୁ ନ ଯାଇ ଏଥିପାଇଁ ଗୁଣି ଗାରେଡ଼ି, ଝଡ଼ାଫୁଙ୍କା, କୁକୁଡ଼ା, ବୋଦା ବଳି ଦେଇ ଦେବଦେବୀଙ୍କୁ ଶାନ୍ତି କରିବା, ଗ୍ରହ ଶାନ୍ତି କରିବା ଓ ଭୂତପ୍ରେତର ପ୍ରାଦୁର୍ଭାବରୁ ନିଜକୁ ରକ୍ଷା କରିବା ପାଇଁ ଚେଷ୍ଟା କରନ୍ତି । ରୋଗୀକୁ ଡାକ୍ତରଙ୍କ ପାଖକୁ ଚିକିତ୍ସା ପାଇଁ ଆଣନ୍ତି ନାହିଁ, ଯାହା ଫଳରେ ରୋଗୀର ବ୍ୟକ୍ତିଗତ ଜୀବନ, ପାରିବାରିକ ଜୀବନ, ସାମାଜିକ ଜୀବନ, ଶିକ୍ଷା ଜୀବନ ଓ ଚାକିରି ଜୀବନର ବହୁମୂଲ୍ୟ ସମୟ ନଷ୍ଟ ହେଉଛି । ପରିବାର, ପରିବେଶ, ପରିସ୍ଥିତିର ଅଚାନକ ଓ ଅପ୍ରତ୍ୟାଶିତ ପରିବର୍ତନ ହେଲେ ମନୁଷ୍ୟ ତା'ର ମାନସିକ ଭାରସାମ୍ୟ ରକ୍ଷା କରି ପରିସ୍ଥିତି ସହ ନିଜକୁ ଖାପ ଖୁଆଇପାରେ ନାହିଁ । ତେଣୁ ସେ ମାନସିକ ଭାରସାମ୍ୟ ହରାଇଥାଏ । ନାନା କାରଣରୁ ଯେପରି ଶାରୀରିକ ରୋଗ ହୋଇଥାଏ ସେହିପରି ନାନାପ୍ରକାର କାରଣରୁ ମାନସିକ ରୋଗ ହୋଇଥାଏ । ଏହାର ଭୂତ, ପ୍ରେତ, ପୂର୍ବଜନ୍ମର ଅଭିଶାପ ସଙ୍ଗେ କୌଣସି ସମ୍ପର୍କ ନ ଥାଏ । ମସ୍ତିଷ୍କର ଲିମ୍ବିକ୍ ସିଷ୍ଟମ (Limbic System) ଜ୍ଞାନଶକ୍ତି, ବୁଦ୍ଧି ଓ ବିଚାର ଶକ୍ତି ପରିଚାଳିତ କରିଥାଏ । ଏହା ଏକ ନିର୍ଦ୍ଦିଷ୍ଟ ପରିମାଣର ଜୈବ ତରଳ ପଦାର୍ଥ (Monoamines) ନିର୍ଗତ ହେବାର କାର୍ଯ୍ୟ କରେ । ଯଦି କୌଣସି ରାସାୟନିକ ପ୍ରକ୍ରିୟା (Biochemical reaction) ଯୋଗୁଁ ଲିମ୍ବିକ୍ ସିଷ୍ଟମରେ ନିର୍ଗତ ହେଉଥିବା ଜୈବ ତରଳ ପଦାର୍ଥ (Monoamines) ସଂଚାଳନର ପରିମାଣରେ ପରିବର୍ତନ ହୁଏ, ତାହାହେଲେ ମାନସିକ ରୋଗ ସୃଷ୍ଟି ହୋଇଥାଏ । ଏହି ରାସାୟନିକ ପ୍ରକ୍ରିୟା ବଂଶଗତ କାରଣ ଯୋଗୁଁ ହୋଇପାରେ, ସାମାଜିକ ଓ ମାନସିକ ଦୁର୍ବଳତାରୁ ହୋଇପାରେ କିମ୍ବା କୌଣସି କାରଣ ନଥାଇ ମଧ୍ୟ ହେବାର ସମ୍ଭାବନା ଅଛି । ସିଜୋଫ୍ରେନିଆ କହିଲେ ସାଧାରଣତଃ ଆମେ ମନୁଷ୍ୟର ପାଗଳାମୀ ବା ବାତୁଳତା ବୋଲି ଭାବୁ । ଏହି ରୋଗରେ ଜଣେ ସନ୍ଦେହ କରେ ଯେ ତା' ବିରୋଧରେ ସମସ୍ତେ ଲାଗିଛନ୍ତି । ଖାଦ୍ୟରେ ବିଷ ମିଶିଛି ବୋଲି ତା'ର ଧାରଣା ହୋଇଥାଏ । ସ୍ୱାମୀ ବା ସ୍ତ୍ରୀର ଚରିତ୍ରକୁ ସନ୍ଦେହ କରନ୍ତି । ଏହି ପ୍ରକାର ରୋଗୀଙ୍କୁ ଔଷଧ ଦେଲେ, ସେମାନେ ପାଟି ଭିତରେ ରଖିଦିଅନ୍ତି ଓ ପରେ ଫୋପାଡ଼ି ଦିଅନ୍ତି । ତେଣୁ ଔଷଧ ଦେବା ପରେ, ସେ ଢୋକିଲା କି ନାହିଁ ତା'ର ପାଟି ଖୋଲି ଦେଖିବା ଦରକାର । ଏପରି ରୋଗୀ ଯଦି ଔଷଧ ଖାଆନ୍ତି ନାହିଁ, ତା'ହେଲେ ତାକୁ ଡାକ୍ତରଖାନାରେ ରହିବା ଦରକାର ହୋଇଥାଏ ଓ ଇଂଜେକସନ ଦେବାକୁ ପଡ଼ିଥାଏ । କେତେକ ମାନସିକ ରୋଗ ବିଶେଷଜ୍ଞ, ଖାଦ୍ୟରେ ଔଷଧ ମିଶାଇ ଖାଇବାକୁ ଦେବାକୁ ଉପଦେଶ ଦିଅନ୍ତି । ଏପରି ସ୍ଥଳରେ ପରିବାରର ଲୋକଙ୍କୁ ଅଧିକ ଦାୟିତ୍ୱବାନ ହେବାକୁ ପଡ଼ିବ । ଲୋକଟିକୁ ମାନସିକ ଅବସାଦ (Depression) ହୋଇଥିଲେ ତା'ର ମନ ଅତି ଖରାପ ରହେ । କିଛି କାମ କରିବାକୁ ଇଚ୍ଛା ହୁଏ ନାହିଁ । ନିଦ ଓ ଭୋକ ହୁଏ ନାହିଁ । ଆଉ କେତେଜଣ ଆତ୍ମହତ୍ୟା କରିବାକୁ ଇଚ୍ଛା କରିଥାନ୍ତି । ସେମାନଙ୍କର ମରିଯିବେ ବୋଲି ଏତେ ଦୃଢ଼ ଧାରଣା ଥାଏ ଯେ, କୌଣସି ଔଷଧ ଖାଇବାକୁ ଇଚ୍ଛା ପ୍ରକାଶ କରନ୍ତି ନାହିଁ । ତେଣୁ ଏହି ପ୍ରକାର ରୋଗୀମାନଙ୍କୁ ଉତ୍ସାହିତ କରିବାକୁ ପଡ଼ିବ । ଆଗକୁ ଭଲ ଦିନ ଆସୁଛି ଓ ଔଷଧ ନିୟମିତ ଖାଇଲେ ସେମାନେ ସଂପୂର୍ଣ୍ଣ ଭଲ ହୋଇଯିବେ ବୋଲି ଆତ୍ମବିଶ୍ୱାସ ବଢ଼ାଇବାକୁ ପଡ଼ିବ ।

ଅତି ଫୂର୍ତି ହେବା, ବହୁତ କଥା କହିବା, ନିଜକୁ ବହୁତ ବଡ଼ ଲୋକ ବୋଲି ଭାବିବା ଓ ଗଣ୍ଡଗୋଳ କରିବା ମାନିଆ (Mania) ରୋଗର ଲକ୍ଷଣ । ଏମାନଙ୍କର ମିଥ୍ୟା ଆତ୍ମବିଶ୍ୱାସ ଥାଏ ଯେ, ସେମାନଙ୍କୁ କୌଣସି ରୋଗ ହୋଇ ନାହିଁ । ତେଣୁ ସେମାନଙ୍କୁ ଔଷଧ ଖାଇବାକୁ ବାଧ୍ୟ କରାଯାଏ ଓ କେତେକ ସ୍ଥଳରେ ଡାକ୍ତରଖାନାରେ ରହିବାକୁ କୁହାଯାଏ । ଯେଉଁମାନେ ଅତ୍ୟଧିକ ନିଶା ସେବନ କରନ୍ତି, ସେମାନେ ନିଜ ଭିତରେ ଏପରି ମଜ୍ଜି ଯାଇଥାନ୍ତି ଯେ, ନିଶା ଛାଡ଼ିବାକୁ ଆଗ୍ରହ କରନ୍ତି ନାହିଁ । ସେମାନଙ୍କୁ ପ୍ରଥମେ ମନସ୍ତାତ୍ତ୍ୱିକ ଚିକିତ୍ସା (Psychotherapy) ଦେବାକୁ ପଡ଼େ । ନିଶାସେବନର କ୍ଷତିକାରିତା ବିଷୟରେ ଜାଣିଲେ ସେମାନେ ଏଥିରୁ ନିବୃତ ରହିବାକୁ ଇଚ୍ଛା ପ୍ରକାଶ କରନ୍ତି ଓ ଔଷଧ ଖାଇବାକୁ ରାଜି ହୁଅନ୍ତି । ଯେଉଁସବୁ ମାନସିକ ରୋଗରେ ଲୋକଟି ଭାବେ ଯେ ତାକୁ କୌଣସି ପ୍ରକାର ରୋଗ ହୋଇ ନାହିଁ, ସେମାନେ ଔଷଧ ଖାଇବାକୁ ରାଜି ହୁଅନ୍ତି ନାହିଁ । ତେଣୁ ସେମାନଙ୍କୁ ବୁଝାଇ ଓ କେତେଜଣଙ୍କୁ ବାଧ୍ୟରେ ଡାକ୍ତରଖାନାରେ ରଖି ଔଷଧ ଦିଆଯାଏ । ମାନସିକ ରୋଗ ଯେପରି ଶୂଚୀବାଈ (OCD), ଅହେତୁକ ଭୟ (Phobia), ଅଜଣା ଭୟ (Anxiety Disorder), ଯୌନ ସମସ୍ୟା ତଥା ନିଦ୍ରାହୀନତା ହୋଇଥିଲେ ଲୋକଟିକୁ କଷ୍ଟ ହୁଏ । ସେ ନିଜ ରୋଗ ବିଷୟରେ ଜାଣିପାରେ ଓ ଔଷଧ ଖାଇବାକୁ ଇଚ୍ଛା ପ୍ରକାଶ କରେ । ଆପଣ ଯଦି ଜାଣିପାରନ୍ତି ଯେକୌଣସି ବ୍ୟକ୍ତି ଏପ୍ରକାର ରୋଗଦ୍ୱାରା ଆକ୍ରାନ୍ତ ହୋଇଛି- ତାକୁ ସଙ୍ଗେ ସଙ୍ଗେ ମାନସିକ ରୋଗ ବିଶେଷଜ୍ଞଙ୍କ ପାଖକୁ ନିଅନ୍ତୁ । ଚିକିତ୍ସା ପାଇଁ ତାଙ୍କୁ ବାଧ୍ୟ କରି ଡାକ୍ତରଙ୍କ ପାଖକୁ ନିୟମିତ ନିଅନ୍ତୁ । ଦୟାଶୀଳ ହୋଇ ରୋଗୀସହ କଥାବାର୍ତା କରନ୍ତୁ । ତାହାର ଅନୁଭବ ଓ ସମସ୍ୟା ବିଷୟରେ ଧୈର୍ଯ୍ୟ ଧରି ଶୁଣନ୍ତୁ । ତାଙ୍କୁ ଉତ୍ସାହ ଦିଅନ୍ତୁ । ତାଙ୍କୁ ପ୍ରବୋଧ ଦିଅନ୍ତୁ ଯେ ଆଗକୁ ଭଲ ଦିନ ଆସୁଛି ଓ ହସି ହସି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ । ତାହାଙ୍କର ଖାଦ୍ୟ ଏବଂ ପରିଷ୍କାର ପରିଚ୍ଛନ୍ନତା ପ୍ରତି ଯତ୍ନ ଦିଅନ୍ତୁ । ଯଦି ରୋଗୀ ଆତ୍ମହତ୍ୟା କରିବାକୁ ଇଚ୍ଛା କରୁଥାଏ ଓ ଆତ୍ମହତ୍ୟା କରିବାକୁ ଚେଷ୍ଟା କରୁଥାଏ ତା'ହେଲେ ତା'ପ୍ରତି ସଯତ୍ନ ରହି ସର୍ବଦା ଜଗି ରହନ୍ତୁ । ଗୋଟିଏ ମୁହୂର୍ତ ପାଇଁ ମଧ୍ୟ ତାଙ୍କୁ ଏକୁଟିଆ ଛାଡ଼ନ୍ତୁ ନାହିଁ । ଯଦି ଏହା ସମ୍ଭବ ନ ହୁଏ ତା'ହେଲେ ତାଙ୍କୁ ଡାକ୍ତରଖାନାରେ ରଖି ଦିଅନ୍ତୁ । ମାନସିକ ରୋଗରେ ଆକ୍ରାନ୍ତ ହୋଇଥିବା ରୋଗୀମାନେ ଓ ସେମାନଙ୍କ ପରିବାର ଭାଙ୍ଗିପଡିବା ଉଚିତ ନୁହେଁ । ତେଣୁ ଠିକ ସମୟରେ ଡାକ୍ତରଙ୍କ ସହିତ ପରାମର୍ଶ କରି ଔଷଧ ଖାଇଲେ ଏହି ରୋଗରୁ ଉପଶମ ମିଳିଥାଏ ।

*ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ,*
*ମୋବାଇଲ-୯୧୩୨୪୩୩୩୩୩*

# ଧୂମପାନ ଓ ଲିଭର୍ ସମସ୍ୟା



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ମାତ୍ର କେଇ କ୍ଷଣିକର ଆନନ୍ଦ । ହେଲେ ତା' ପରେ... ସେହି ଧୂଆଁରେ ଧୂଆଁ ହୋଇଯାଉଛି ଲକ୍ଷ ଲକ୍ଷ ଜୀବନ । ଧ୍ୱଂସ ହେଉଛି ମାନବ ସମ୍ବଳ । ଦୋହଲିଯାଉଛି ପରବାରର ଅର୍ଥନୈତିକ ସ୍ଥିତି । ପଇସା ଦେଇ କିଣୁଛେ ରୋଗ । ଝାଳବୁହା ଧନକୁ ଅଜାଡ଼ି ଦେଉଛେ ପାନ ଦେକାନ ଆଉ ଡାକ୍ତରଖାନାରେ । ସୁନ୍ଦର ଭବିଷ୍ୟତକୁ ଠେଲିଦେଉଛେ ଅନ୍ଧାରର ଅତଳଗୁହା ଭିତରକୁ । ଏହା ଏବେ ଆଉ ନାହିଁ ଘରଣୀର ମୁଣ୍ଡବ୍ୟଥା ହୋଇ, ବ୍ୟାପିଛି ସମଗ୍ର ବିଶ୍ୱକୁ । ଯାହାର ନିରାକରଣ ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତରଫରୁ ଆଜିର ଦିନକୁ ବିଶ୍ୱ ତମାଖୁ ଦିବସ ନିରୋଧ ଦିବସ ରୂପେ ପାଳନ କରାଯାଉଛି । ସର୍ବସାଧାରଣ ସ୍ଥାନ ତଥା ଶିକ୍ଷାନୁଷ୍ଠାନଗୁଡ଼ିକ ନିକଟରେ ଧୂମପାନ ନିଷେଧ ବୋଲି ସରକାର ନିୟମ କରିଥିଲେ । ୨୦୦୮ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀଠାରୁ ଲାଗୁ ହେଲା ଧୂମପାନ ନିଷେଧ ନିୟମ । ସର୍ବସାଧାରଣ ସ୍ଥାନରେ କେହି ବି ଧୂମପାନ କରି ପାରିବେ ନାହିଁ । ସର୍ବସାଧାରଣ ସ୍ଥାନ କହିଲେ ବସ୍‌ଷ୍ଟାଣ୍ଡ, ହୋଟେଲ, ପ୍ରେକ୍ଷାଳୟ, ସପିଙ୍ଗ ମଲ୍, ରେଳ ଷ୍ଟେସନ୍, ସରକାରୀ କାର୍ଯ୍ୟାଳୟ ପରିସର ଇତ୍ୟାଦି । ଯଦି କେହି ଧୂମପାନ କରୁଥିବା ଜଣାପଡ଼େ, ତେବେ ଆଇନତଃ ୨୦୦ ଟଙ୍କାର ଜରିମାନା ଦେବେ । ଶିକ୍ଷାନୁଷ୍ଠାନ ଓ ମନ୍ଦିର ନିକଟରୁ ୧୦୦ ମିଟର ଦୂରରେ କୌଣସି ତମ୍ବାଖୁ ଦୋକାନ ରହିବ ନାହିଁ ବୋଲି ନିର୍ଦ୍ଦେଶ ଦିଆଗଲା । ନୂଆ ନୂଆ କିଛି ଦିନ କଡ଼ାକଡ଼ି ଭାବେ ଏହି ନିୟମ ପାଳନ ହେଲା । ରାଜଧାନୀ ସମେତ ଓଡ଼ିଶାର ବିଭିନ୍ନ ସ୍ଥାନରେ ଥିବା ତମାଖୁ ଦୋକାନ ଉପରେ କମିଶନରେଟ ପୁଲିସ ପକ୍ଷରୁ ଚଢ଼ଉ ମଧ୍ୟ କରାଗଲା । ତମାଖୁ ସେବନ କରିବା କେତେ ଯେ ଭୟଙ୍କର ତାହା ତମାଖୁ ସେବନ କରି ମୃତ୍ୟୁ ବରଣ କରୁଥିବା ପରିସଂଖ୍ୟାନରୁ ଜଣାପଡ଼େ । ସମଗ୍ର ବିଶ୍ୱରେ ୮ ଲକ୍ଷରୁ ଉର୍ଦ୍ଧ୍ୱ ତମାଖୁ ସେବନ କରି ମୁଖ ଗହ୍ୱର କର୍କଟ ରୋଗରେ ରୋଗାକ୍ରାନ୍ତ ହେଉଥିବା ବେଳେ ଦିନକୁ ୨,୨୨୦ ଜଣ ବ୍ୟକ୍ତି ମୃତ୍ୟୁବରଣ କରୁଛନ୍ତି । ଏବେ ଠାରୁ ଯଦି ତମାଖୁ ସେବନ ଉପରେ ବିଶ୍ୱରେ ଏହାର ସଂଖ୍ୟା ଯଥେଷ୍ଟ ବଢ଼ିବ ବୋଲି ବିଶେଷଜ୍ଞମାନେ ମତବ୍ୟକ୍ତ କରୁଛନ୍ତି ।

ଧୂମପାନ ସେବନରେ ମୁଖଗହ୍ୱର, ହୃତ୍‌ପିଣ୍ଡ, ଯକୃତ, ଫୁସ୍‌ଫୁସ୍, ଅଗ୍ନ୍ୟାଶୟ ଓ ଖାଦ୍ୟନଳୀ ଇତ୍ୟାଦି ଶରୀରର ଅଂଶଗୁଡ଼ିକ ରୋଗାକ୍ରାନ୍ତ ହୁଅନ୍ତି । ଉଚ୍ଚରକ୍ତଚାପ, ହୃଦ୍‌ଘାତ, ପକ୍ଷାଘାତ, ଫୁସ୍‌ଫୁସ୍ କ୍ୟାନସର, ବୃକକ୍ କ୍ୟାନସର, ଖାଦ୍ୟନଳୀ କ୍ୟାନସର, ସ୍ୱରନଳୀର କ୍ୟାନସର ଓ ଅଗ୍ନ୍ୟାଶୟର କ୍ୟାନସର ଇତ୍ୟାଦି ଧୂମପାନ ସେବନ ଯୋଗୁଁ ହୋଇଥାଏ । ବେଶୀ ସଂଖ୍ୟାରେ ଅଧିକ ବର୍ଷ ଧୂମପାନ କଲେ ଏହି ରୋଗ ସବୁ ଦେଖାଯାଏ । ଯେଉଁମାନେ ଧୂମପାନ କରୁନାହାଁନ୍ତି କିନ୍ତୁ ପରିବେଶରେ ଧୂମପାନ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି ଯାହାକୁ କି ଦ୍ୱିତୀୟ ସ୍ତରର ଧୂମପାନ କୁହନ୍ତି ତାହାମଧ୍ୟ ଶରୀର ପକ୍ଷେ କ୍ଷତିକାରକ । ଦ୍ୱିତୀୟସ୍ତର ଧୂମପାନ ହେଉଛି ସିଗାରେଟ୍‌ର ଧୂଆଁ ଓ ମନୁଷ୍ୟର ନିଃଶ୍ୱାସରେ ଛାଡୁଥିବା ଧୂଆଁର ମିଶ୍ରଣ । ଗର୍ଭବତୀ ମହିଳାମାନେ ଏହି ଦ୍ୱିତୀୟ ସ୍ତରର ଧୂମପାନ ଦ୍ୱାରା ବିଶେଷ ଭାବେ ଆକ୍ରାନ୍ତ ହୁଅନ୍ତି ଓ ଶିଶୁ ମୃତ୍ୟୁର ହାର ମଧ୍ୟ ତିନିଗୁଣ ବୃଦ୍ଧି ପ୍ରାପ୍ତ ହୁଏ । ଧୂମପାନ ଦ୍ୱାରା ମନୁଷ୍ୟର ଆୟୁଶ ମଧ୍ୟ ଦଶ ପନ୍ଦର ବର୍ଷ କମିଯାଏ । ରକ୍ତ କ୍ୟାନସର, ଯକୃତ୍ କ୍ୟାନସର, ବୃହଦନ୍ତ୍ର କ୍ୟାନସର ଓ ପିତକୋଷ କ୍ୟାନସରର ସଂଖ୍ୟା ଧୂମପାନ ବ୍ୟକ୍ତିଙ୍କ ଠାରେ ବେଶୀ ସଂଖ୍ୟାରେ ଦେଖାଯାଏ । ଧୂମପାନ ଦ୍ୱାରା କାର୍ବନ ମନୋକ୍ସାଇଡ, ସାଇନାଇଡ଼ ଓ ବେନ୍‌ଜୋପାଇରିନ୍ ଇତ୍ୟାଦି ରାସାୟନିକ ବସ୍ତୁ ଶରୀରକୁ ପ୍ରବେଶ କରି ବିଭିନ୍ନ ଅଙ୍ଗକୁ ଆକ୍ରାନ୍ତ କରନ୍ତି । ରକ୍ତ ଶୀରା ପ୍ରଶିରା ସଙ୍କୁଚିତ ହୋଇ ବାରଜରସ୍ ରୋଗ ସୃଷ୍ଟି କରେ । ରକ୍ତରେ କୋଲେଷ୍ଟିରଲ୍, ଫିବ୍ରିନୋଜେନ୍ ଇତ୍ୟାଦିର ଅଂଶ ବୃଦ୍ଧି ପାଇ ହୃଦ୍‌ଘାତ ହୁଏ । ହୁକା ସେବନ ମଧ୍ୟ ଧୂମପାନ ଭଳି କ୍ଷତିକାରକ । ଧୂମପାନ ଦ୍ୱାରା ଖାଦ୍ୟନଳୀ ଓ ପେଟରେ ଘାଆ ସୃଷ୍ଟି ହୁଏ ।

ଇତିହାସ କହେ, ଖ୍ରୀ.ପୂ. ୬୦୦୦ ବର୍ଷ ତଳେ ଆମେରିକାରେ ତମାଖୁ ଚାଷ କରାଯାଉଥିଲା । ୧୪୯୨ ମସିହାରେ କଲମ୍ବସ୍ ଏହି ତମାଖୁକୁ ଇଉରୋପ ନେଇଥିଲେ । ତା' ପରେ ମାତ୍ର ଦେଢ଼ଶହ ବର୍ଷ ଭିତରେ ଏହା ବିଶ୍ୱସାରା ଚରିଯାଇଥିଲା । କେବଳ ଏହାର ବ୍ୟବହାରରେ ପରିବ□ନ ପରିଲକ୍ଷିତ ହୋଇଥିଲା । ଅଷ୍ଟାଦଶ ଶତାବ୍ଦୀରେ ଏହାକୁ ନାଶ ଭାବେ ବ୍ୟବହାର କରାଯାଉଥିବା ବେଳେ ଊନବିଂଶ ଶତାବ୍ଦୀରେ ସିଗାରର ବ୍ୟବହାର ବୃଦ୍ଧି ପାଇବାରେ ଲାଗିଲା । ବିଂଶ ଶତାବ୍ଦୀ ବେଳକୁ ଏହା ସିଗାରେଟ୍‌ର ରୂପ ନେଇଥିଲା । ଏକବିଂଶ ଶତାବ୍ଦୀ ବେଳକୁ ଏହା ଏତେ ଆଦୃତ ହୋଇଥିଲା ଯେ ବିଶ୍ୱରେ ପ୍ରାୟ ଏକ ତୃତୀୟାଂଶ ଲୋକ ଏହାକୁ ସେବନ କରୁଛନ୍ତି । ବର୍ତମାନ ଏହାର ବିଭିନ୍ନ ରୂପଗୁଡ଼ିକ ହେଉଛି; ବିଡ଼ି, ସିଗାର, ସିଗାରେଟ, କ୍ରେଟେକ୍ସ, ପାଇପ, ଷ୍ଟିକ୍, ଗୁଟ୍‌ଖା ଇତ୍ୟାଦି । ତମାଖୁର ବ୍ୟାପକ ବ୍ୟବହାର ଯୋଗୁଁ ପ୍ରତିକ୍ଷଣରେ ବଢ଼ିଚାଲିଛି ଅସୁରକ୍ଷିତ ଜୀବନର ପାରଦ । ସମ୍ପ୍ରତି ବିଶ୍ୱରେ ୫୦ କୋଟି ଲୋକ ତମାଖୁ ଯୋଗୁଁ ମୃତ୍ୟୁ ସହିତ ସଂଗ୍ରାମ କରୁଛନ୍ତି । ବିଶ୍ୱର ୧/୩ ଅଂଶ ଲୋକ ତମାଖୁ ବ୍ୟବହାର କରୁଥିବାରୁ ପ୍ରତିଦିନ ୧୫୦ କୋଟି ସିଗାରେଟ୍ ଓ ଗୁଟ୍‌ଖା ବିକ୍ରି ହେଉଛି । ଏହା ସିନା ଆମ ପରିବାର ପ୍ରତି ବିପଦ ଡାକିଆଣୁଛି । ହେଲେ ତମାଖୁ କମ୍ପାନୀମାନଙ୍କର ତ କଚେପୁଅ ବାର । ଏକ ସର୍ବେକ୍ଷଣରୁ ଜଣାଯାଇଛି ଯେ, ପୃଥିବୀର ପାଂଚଟି ବୃହତମ କମ୍ପାନୀ, ଫିଲିପ୍ସ, ମୋରିସ, ବାଟ, ଆଲଟାରଡ଼ିସ୍, ରିମସ୍ତା ଓ ଜେଟିଆଇ କମ୍ପାନୀଗୁଡ଼ିକ ବାର୍ଷିକ ୧ ଲକ୍ଷ କୋଟି ଡଲାରର ତମାଖୁ ବ୍ୟବସାୟ କରିଥାନ୍ତି ।

ତମାଖୁରେ ଥିବା ଉପାଦାନଗୁଡ଼ିକୁ ଆମେ ରଙ୍ଗ, ସର୍ଫ, ବିଷ, କାର ବ୍ୟାଟେରୀ, କୀଟନାଶକ, ପ୍ଲାଷ୍ଟିକ୍‌ରେ ମଧ୍ୟ ଦେଖିବାକୁ ପାଇବା । ଗୋଟିଏ ସିଗାରେଟ୍ ଟାଣିଲେ ଆମ ଜୀବନର ୭ ମିନିଟ୍ ଆୟୁଷ କମିଥାଏ । ସର୍ବେକ୍ଷଣରୁ ଜଣାଯାଇଛି ଯେ, ଏଡ଼ସ, ନିଷିଦ୍ଧ ନିଶାଦ୍ରବ୍ୟ, ରାସ୍ତା ଦୁର୍ଘଟଣା, ହତ୍ୟା, ଆତ୍ମହତ୍ୟା ଯୋଗୁଁ ବିଶ୍ୱରେ ପ୍ରତିବର୍ଷ ଯେତିକି ଲୋକ ମରୁଛନ୍ତି ତାହାଠାରୁ ଅଧିକ ମୃତ୍ୟୁବରଣ କରୁଛନ୍ତି ତମାଖୁ ସେବନ ଯୋଗୁଁ । ଏହି ତମାଖୁ ଶରୀର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ କୁହାଯାଉଥିବା ଲିଭର ଓ ପରବର୍ତୀ ସମୟରେ ତମାମ ଶରୀର ଆକ୍ରାନ୍ତ ହେବାସହ ଅନେକ ରୋଗର କାରକ ପାଲଟିଥାଏ । ପରିଶେଷରେ ଭୟାବହ କ୍ୟାନସରକୁ ନିମନ୍ତ୍ରଣ କରିବା ଯାହା ସାର ହୋଇଥାଏ । ତେବେ ଖାଲି ଯେ ମଣିଷ ମରୁଛନ୍ତି ତାହା ନୁହେଁ ଏହା ଆମର ଅର୍ଥନୀତି ପ୍ରତି ଉପରେ ମଧ୍ୟ ପ୍ରଭାବ ପକାଉଛି । ତମାଖୁ ସେବନକାରୀମାନେ ସେମାନଙ୍କ ଜୀବନର ୩୦ ପ୍ରତିଶତ ଆୟ ତମାଖୁ ବାବଦକୁ ଖର୍ଚ୍ଚ କରିଥାନ୍ତି । ଏତଦ୍‌ବ୍ୟତୀତ ପ୍ରତିବର୍ଷ ଅଧାଜଳା ସିଗାରେଟ୍ ବା ଦିଆସିଲି ଯୋଗୁଁ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଅଗ୍ନିକାଣ୍ଡ ହୋଇଥାଏ । ଯାହା ଫଳରେ ବ୍ୟାପକ ଜଙ୍ଗଲ ଓ ଧନଜୀବନ ହାନି ହୋଇଥାଏ । ତମାଖୁ ପକେଟ୍ କଣା କରିବାରେ ଓସ୍ତାଦ । ଏହି ତମାଖୁ ବା ଧୂମ୍ରପାନ ଅନେକ ପରିବାରକୁ ଉଜାଡ଼ି ଦେଇଥାଏ । ଅନେକ ପରିବାର ତିଆରି ହେବା ପୂର୍ବରୁ ହିଁ ଧ୍ୱଂସ ହୋଇଯାଇଥାଏ । ଯେଉଁଥିପାଇଁ କୁହାଯାଇଛି, ପାନ ବିଡ଼ି ନୁହେଁ ଛୋଟିଆ ନିଶା, ଜଣା ପଡ଼େ ନାହିଁ ଟାଣେ ପଇସା । ଆସନ୍ତୁ, ଏକ ତମାଖୁମୁକ୍ତ ବିଶ୍ୱର ପରିକଳ୍ପନାକୁ ସାକାର କରିବା ।

*ଅବସର ପ୍ରାପ୍ତ, ବିଭାଗୀୟ ମୁଖ୍ୟ,*
*ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର*
*ଭଞ୍ଜ ମେଡ଼ିକାଲ କଲେଜ, କଟକ*

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ
ଖେଳ ପର୍ଯ୍ୟବେକ୍ଷକ
Bhubaneswar Thursday October 23 ଭୁବନେଶ୍ୱର ଗୁରୁବାର, ୨୩, ୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com 

# ଗ୍ରୀଣ୍ଡୁଲ କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ



ଗୋଲାମୁଣ୍ଡା(ପି ଏନ): ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଗ୍ରୀଣ୍ଡୁଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଗ୍ରୀଣ୍ଡୁଲ କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି । ସି.ଆର.ସି.ସି ଗଜିନ୍ଦ୍ର ନାଏକଙ୍କ ଆବାହକ କ୍ରମେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ମାନଝରୀ ଗ୍ରାମପଞ୍ଚାୟତର ସରପଞ୍ଚ ଜଗୁଜିବନ ଅଘ୍ରିଆ ,ସମ୍ମାନିତ ଅତିଥି ଭାବରେ ସମାଜ ସେବୀ ଶ୍ୟାମସୁନ୍ଦର ଅଗ୍ରୱାଲା, ଯୁବ ସାମ୍ବାଦିକ ବ୍ରହ୍ମା ପ୍ରସାଦ କାଣ୍ଡ ଗ୍ରୀଣ୍ଡୋଲ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସଞ୍ଜୁକ୍ତା ମିଶ୍ର, ଉଦେଶୃଙ୍ଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ବାସୁଦେବ ମେହେର ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇ ମଞ୍ଚାସିନ ହୋଇଥିଲେ । ଡୁଡୁକେଲ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଭିମନ୍ୟୁ ଦାଶ,ମାନଝରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଲିପିକା ଆଚାର୍ଯ୍ୟ ମଞ୍ଚ ପରିଚାଳନା କରିଥିଲେ । ସୁରଭୀ କାର୍ଯ୍ୟକ୍ରମରେ କ୍ଲଷ୍ଟରର ସମସ୍ତ ସ୍କୁଲରୁ ଆସିଥିବା ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ । ବକ୍ତୃତା, ପ୍ରବନ୍ଧ, କୁଇଜ, ସଙ୍ଗୀତ, ସୃଜନଶୀଳ ଲିଖନ, ଚିତ୍ରାଙ୍କନ ଆଦି ଭଳି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା କୃତି ପ୍ରତିଯୋଗୀ ବ୍ଲକ ସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିପାରିବେ ବୋଲି ସ୍ଥାନୀୟ ସିଆରସିସି ଶ୍ରୀଯୁକ୍ତ ଗଜିନ୍ଦ୍ର ନାଏକ ପ୍ରକାଶ କରିଥିଲେ । ଏହି କ୍ଲଷ୍ଟରର କେନ୍ଦ୍ର ବିଦ୍ୟାଳୟ ଗ୍ରୀଣ୍ଡୋଲ ଇନଚାର୍ଜ ଶିକ୍ଷକ ଶ୍ରୀଯୁକ୍ତ ଟଙ୍କଧର ନାଏକ ଖାଦ୍ୟ,ପାନୀୟ, ତଥା ଅନ୍ୟାନ୍ୟ କଥା ସୂଚାରୁରୂପେ ତୁଲାଇଥିଲେ । ସେହିପରି ସୁନୀଲ କୁମାର ମୁଣ୍ଡ, ଶ୍ୟାମସୁନ୍ଦର ମାଝୀ, ଶ୍ରୀ ବନ୍ତ ସାହୁ,ମାନସ ରଞ୍ଜନ ପଟେଲ, ଅରବିନ୍ଦ ପଟେଲ, ଚକ୍ରଧର ମାଝୀ, ଖଗେନ୍ଦ୍ର ପଧାନ, ଗୋପାଳ ବରିଆ, ବିଭୁତି ନାଏକ, ଭୁଜବଳ ଧରୁଆ,ବିହାରିଲାଲ ନାଏକ,ହମିତ ବୋଡେକ,ଅଭୟ ବ?ଡେକ, ଭୁବନେଶ୍ୱର ଭୋଇ, ଉପେନ୍ଦ୍ର ନାଏକ, ଅଭିମନ୍ୟୁ ନାଏକ ,ରିଚେକ ଭାଟି, ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଅକାଳ ପରିଶ୍ରମ ବଳରେ କାର୍ଯ୍ୟକ୍ରମ ସୂଚାରୁରୂପେ ସମ୍ପାଦନା ହୋଇଥିଲା ।

# ଯଶୁଆପୁର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ବାଲିଅନ୍ତା ,(ପି.ଏନ): ବାଲିଅନ୍ତା ବ୍ଲକ ଅନ୍ତର୍ଗତ ଉମାଦେଇବ୍ରହ୍ମପୁର ଗ୍ରାମ ପଞ୍ଚାୟତର ଯଶୁଆପୁର ଗ୍ରାମର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସୀତା କୁମାରୀ ଦେଇଙ୍କୁ ପୁରାତନ ଛାତ୍ର କମିଟି ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି ।ପ୍ରଧାନ ଶିକ୍ଷୟିତ୍ରୀ ସୁମିତ୍ରା ସିଂହ ସଭାପତିତ୍ୱରେ ଆୟୋଜିତ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଜେପି ନେତା ଡ ଅରବିନ୍ଦ ଢ଼ାଲି ଯୋଗଦେଇ ବିଦ୍ୟାଳୟର ଉନ୍ନତି କରଣରେ ଶ୍ରୀମତୀ ସୀତା ଦେଇଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ । ସମିତି ସଭ୍ୟ ତଥା ପୁରାତନ ଛାତ୍ର ରଞ୍ଜନ କୁମାର ମହାପାତ୍ରଙ୍କ ଅଭିଭାଷଣରେ ବିଦ୍ୟାଳୟରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ଅଭାବୀ ଥାଇ ମଧ ଯେଉଁ ଭଳି ଭାବରେ ଦୁଇଗୋଟି ମାଟ୍ରିକ ବ୍ୟାଚ୍ ରେଜଲ୍ଟରେ ସଫଳତା ଅର୍ଜ୍ଜନ କରିଛନ୍ତି ତାଙ୍କର ଭୂମିକା ଅତୁଳନୀୟ । ସମ୍ମାନୀତ ଅତିଥିଭାବେ ବାଲିଅନ୍ତା ଶିକ୍ଷା ଗୋଷ୍ଠୀ ଅଧିକାରୀ ଭକ୍ତ ବତ୍ସଳ ମହାପାତ୍ର ,ଆଦର୍ଶ ଶିକ୍ଷକ ନାରାୟଣ ବେହେରା, ଶିକ୍ଷାବିତ୍ ସିଦ୍ଧେଶ୍ୱର ମହାନ୍ତି, ବରିଷ୍ଠ ସାମ୍ବାଦିକ ସୋମନାଥ ସ୍ୱାଇଁ, ସରପଞ୍ଚ ରମାଲତା ନାୟକ,ବାଲକାଟି ବିଜେପି ମଣ୍ଡଳ ସଭାପତି ବ୍ରହ୍ମାନନ୍ଦ ସ୍ୱାଇଁ, ଯୁବସମାଜସେବୀ ପ୍ରଦୀପ୍ତ କୁମାର ମହାନ୍ତି, ପ୍ରିୟବ୍ରତ ପାତ୍ର, ଗ୍ରାମର ବରିଷ୍ଠ ବ୍ୟକ୍ତି ଜୟକୃଷ୍ଣ ମହାପାତ୍ର, ଦୁର୍ଯ୍ୟୋଧନ ପ୍ରଧାନ ଓ ଅନ୍ୟ ଶିକ୍ଷକ ଶିକ୍ଷୟତ୍ରୀମାନେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମ ରେ ପ୍ରକୃତି ବନ୍ଧୁ ଦୀନବନ୍ଧୁ ଭୋଇ ମଞ୍ଚ ପରିଚାଳନା କରିଥିଲେ । ଅଞ୍ଚଳର ବହୁ ଗ୍ରାମବାସୀ ଓ ପୁରାତନ ଉପସ୍ଥିତ ଥିଲେ ।

# କଳିଙ୍ଗ ବାଲିଯାତ୍ରା ଉଦଘାଟନୀ ଉତ୍ସବରେ ମୁଖ୍ୟମନ୍ତ୍ରୀଙ୍କ ଯୋଗଦାନ ନେଇ ଚଳଚଞ୍ଚଳ ପାରାଦୀପ : ସ୍ୱାଗତ ସମ୍ବର୍ଦ୍ଧନା ପାଇଁ ବିଜେପି ଜୋରଦାର ପ୍ରସ୍ତୁତି





ପାରାଦୀପ,(ପି.ଏନ): ପବିତ୍ର କାର୍ତ୍ତିକ ପୂର୍ଣ୍ଣମୀ ତିଥିରେ ପାରାଦ୍ୱୀପ ବେଳାଭୂମିରେ ଅନୁଷ୍ଠିତ ହେବାକୁ ଥିବା 'କଳିଙ୍ଗ ବାଲିଯାତ୍ରା -୨୦୨୫'ର ଉଦଘାଟନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ନଭେମ୍ବର ୪ ତାରିଖରେ ପାରାଦ୍ୱୀପ ଗସ୍ତରେ ଆସୁଛନ୍ତି କ୍ଷ ମୁଖ୍ୟମନ୍ତ୍ରୀଙ୍କର ଗସ୍ତକୁ ସଫଳ କରିବା ନିମନ୍ତେ ପ୍ରଶାସନ ଚଳଚଞ୍ଚଳ ହୋଇପଡିଥିବା ବେଳେ ବିଜେପି ପାରାଦ୍ୱୀପ ନଗର ମଣ୍ଡଳର ଯୁବମୋର୍ଚ୍ଚା ଓ ମହିଳା ମୋର୍ଚ୍ଚାର କାର୍ଯ୍ୟକର୍ତ୍ତା ଏବଂ ୟୁନିଅନର ସଦସ୍ୟଙ୍କୁ ନେଇ ନୂଆବଜାର ଦଳୀୟ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ସ୍ଥାନୀୟ ବିଜେପି ବିଧାୟକ ତଥା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପ୍ରସ୍ତୁତି ର ସମୀକ୍ଷା କରିଥିଲେ । ବାଲିଯାତ୍ରା ଉଦଘାଟନୀ ଦିନ ପାରାଦୀପ ପୌରପାଳିକାର ସମସ୍ତ ୱାର୍ଡ ମାନଙ୍କରୁ ବହୁ ସଂଖ୍ୟାରେ କାର୍ଯ୍ୟକର୍ତ୍ତା ଓ କର୍ମୀ ମାନେ ଯେପରି ଆସିପାରିବେ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା । ପାରାଦୀପ ବିଜେପି ମଣ୍ଡଳ ସଭାପତି ସୁବ୍ରତ ପ୍ରଧାନ ଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ମନ୍ତ୍ରୀଙ୍କ ପ୍ରତିନିଧି ସର୍ବେଶ୍ୱର ବଳିୟାର ସିଂଘ, ବିଜେପି ସାଧାରଣ ସମ୍ପାଦକ ବଜରଙ୍ଗ ସ୍ୱାଇଁ ଓ ସୋଲୋମେନ ରାଜୁ ଙ୍କ ସମେତ ବହୁ ଦଳୀୟ ନେତୃବୃନ୍ଦ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମକୁ ସଫଳ କରିବା ନେଇ ଆଲୋଚନା କରିଥିଲେ । ତେବେ କଳିଙ୍ଗ ବାଲିଯାତ୍ରା ଉଦଘାଟନ ପରେ ମୁଖ୍ୟମନ୍ତ୍ରୀ ପାରାଦୀପ ବନ୍ଦର ଅତିଥି ଭବନରେ ରାତ୍ରିଯାପନ କରି ଏହା ପରଦିନ ଅର୍ଥାତ ନଭେମ୍ବର ୫ ତାରିଖ ସକାଳେ ପରମ୍ପରା ଅନୁଯାୟୀ ବନ୍ଦର ପୋତାଶ୍ରୟରେ ବୋଇତ ବନ୍ଦାଣ ଉତ୍ସବରେ ଯୋଗଦେବେ । ସେହିପରି ସପ୍ତାହ ବ୍ୟାପି ଅନୁଷ୍ଠିତ ହେବାକୁ ଥିବା କଳିଙ୍ଗ ବାଲିଯାତ୍ରାର ପ୍ରତ୍ୟେକ ସନ୍ଧ୍ୟାରେ ରାଜ୍ୟର ବିଭିନ୍ନ ବିଭାଗ ର ମନ୍ତ୍ରୀ ଓ ଉଦଯାପନୀ ସନ୍ଧ୍ୟାରେ ମହାମହିମ ରାଜ୍ୟପାଳ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଚଳିତ ବାଲିଯାତ୍ରା ମହୋତ୍ସବରେ ନାମୀ କଳାକାର ମାନଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବାର କାର୍ଯ୍ୟକ୍ରମ ରହିଛି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ ସୂଚନା ଦେଇଥିଲେ ।

# ଉଦୟନାଥ ଡ୍ରାମାଟିକ କ୍ଲବର ପ୍ଲାଟିନମ୍ ଜୁବଲି ପାଳନ



ଫୁଲନଖରା,(ପି.ଏନ):କଟକ ଜିଲ୍ଲା ବାରଙ୍ଗ ବ୍ଲକ ଅନ୍ତର୍ଗତ ଉଦୟନାଥ ଡ୍ରାମାଟିକ କ୍ଲବ ପ୍ରତ୍ୟେକ ବର୍ଷ ପରି ମା କାଳୀ ପୂଜା ଉପଲକ୍ଷେ ଚଳିତ ବର୍ଷ ୭୫ ବର୍ଷ ପୂର୍ତ୍ତି ବଡ଼ ଧୂମଧାମରେ ପାଳନ କରୁଛି । ପ୍ରଥମ ଦିନ ଉଦଘାଟନ ଉତ୍ସବକୁ ବାରଙ୍ଗ ଏବଂ କଣ୍ଟାପଡା ବ୍ଲକ ଅଞ୍ଚଳର ସମସ୍ତ କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ଅନୁଷ୍ଠାନ ତରଫରୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।ଆୟୋଜିତ ସଭାରେ କମିଟିର ସଭାପତି ପରମାନନ୍ଦ ଖଟୁଆଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ରୂପେ ନିଆଳୀ ବିଧାୟକ ଶ୍ରୀଯୁକ୍ତ ଇଂ ଛବି ମଲ୍ଲିକ,ବିଶିଷ୍ଟ ଶିଳ୍ପପତି ଶ୍ରୀଯୁକ୍ତ ନରୋତ୍ତମଃ ପାତ୍ର,ହରିଅନ୍ତା ଗ୍ରାମ ପଂଚାୟତ ସରପଞ୍ଚ ଶ୍ରୀମତୀ ପଦ୍ମିନୀ ପ୍ରଧାନ,ସମିତି ସଭ୍ୟ ବୈକୁଣ୍ଠ ବେହେରା,ବଂଶୀଧର ବେହେରା,ସୁଶାନ୍ତ ନାୟକ,ସମାଜସେବୀ ଲକ୍ଷ୍ମୀଧର ପ୍ରଧାନଙ୍କ ସମେତ ଅତିଥି ମଞ୍ଚରେ ଉପସ୍ଥିତ ରହି ପ୍ରଭୁ ଜଗନ୍ନାଥଙ୍କ ଫଟୋ ଚିତ୍ରରେ ପ୍ରଦୀପ ପ୍ରଜ୍ଜଳନ କରି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ ।ଏହି ଉପଲକ୍ଷେ ନିର୍ଦ୍ଦେଶକ ଅକ୍ଷୟ କୁମାର ରଣା ଏବଂ ସହ ନିର୍ଦ୍ଦେଶକ ଦିଲ୍ଲୀପ କୁମାର ଜେନାଙ୍କ ଦ୍ୱାରା ନିର୍ଦ୍ଦେଶିତ ନାଟକ ତିନି ଦିନ ଧରି ଚାଲିବା ବୋଲି ସୂଚନା ଦିଆ ଯାଇଥିଲା ଏହି ସଭାରେ ମୁଖ୍ୟ ଅତିଥି ମାନ୍ୟବର ନିଆଳୀ ବିଧାୟକଙ୍କ ଦ୍ୱାରା ଆଞ୍ଚଳିକ ନଅ ଗୋଟି ଯାତ୍ରା ଅନୁଷ୍ଠାନର ସଭାପତି ଓ ସମ୍ପାଦକଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।ଗ୍ରାମାଞ୍ଚଳରେ ଯାତ୍ରା, ନାଟକ ଓ ଲୋକକଳାକୁ ବଞ୍ଚାଇବା ପାଇଁ ଏହି ଅନୁଷ୍ଠାନର ଏହା ଗୋଟିଏ ଅଭୁତପୂର୍ବ ପ୍ରୟାସ ବୋଲିମତ ପ୍ରକାଶ ପାଇଛି ।

# ଚିନ୍ମୟ ମିଶନ ପକ୍ଷରୁ ରାଜ୍ୟ ସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ




ପାରାଦ୍ୱୀପ ,(ପି.ଏନ): ଚିନ୍ମୟ ମିଶନ ଆନୁକୂଲ୍ୟରେ ରାଜ୍ୟ ସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ପାରାଦୀପ ଉପକଣ୍ଠ ତାରିଣୀଗଡା ସ୍ଥିତ ଧର୍ମେଶ୍ୱର ମହାଦେବ ମନ୍ଦିର ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି । ଏହି ଆଧାତ୍ମିକ ଶିକ୍ଷା ମୂଳକ ଶ୍ରୀମଦ ଭାଗବତ ଗୀତା ପାଠ ପ୍ରତିଯୋଗିତା କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଅଧକ୍ଷା ଶ୍ରୀମତୀ ମଧୁଜ୍ୟୋସ୍ନା ସ୍ୱାଇଁ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ ।ମୁଖ୍ୟ ଅତିଥି ଭାବରେ ପାରାଦ୍ୱୀପ ବନ୍ଦର ଭାରପ୍ରାପ୍ତ ଉପାଧକ୍ଷ କ୍ୟାପଟେନ ଅଲେଖ ଚନ୍ଦ୍ର ସାହୁ ଯୋଗ ଦେଇ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ଏବଂ ମାନପତ୍ର ପ୍ରଦାନ କରିଥିଲେ । ଅନୁଷ୍ଠାନ ର ଉପଦେଷ୍ଟା ଆବାସ ଚନ୍ଦ୍ର ଚୌଧୁରୀ ଙ୍କ ତତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ସଫଳତାର ସହ ସମ୍ପର୍ଣ୍ଣ ହୋଇଥିଲା । ଏହି ପ୍ରତିଯୋଗିତାରେ ଜଗତସିଂହପୁର, କେନ୍ଦ୍ରାପଡା ଓ ଯାଜପୁର ର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ପ୍ରାୟ ଦୁଇ ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉତ୍ସାହ ଭାବେ ଅଂଶ ଗ୍ରହଣ କରିଥିଲେ । ଅତିଥିମାନେ ଗୀତାର ମୂଲ୍ୟବୋଧ ସମ୍ପର୍କରେ ସୂଚନା ଦେବା ସହିତ ମଣିଷର ନୈଦୀନ ଜୀବନରେ ଗୀତାର ଆବଶ୍ୟକତା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ଅବକ୍ଷୟମୂଖୀ ସମାଜରେ ସନାତନ ଧର୍ମୀ ମାନଙ୍କୁ ସଠିକ ମାର୍ଗ ଦର୍ଶନ ନିମନ୍ତେ ଚିନ୍ମୟ ମିଶନର ସମସ୍ତ କାର୍ଯ୍ୟକର୍ତ୍ତା ଅଭିପ୍ରେରିତ । ଆଗାମୀ କାଲିର ଯୁବଗୋଷ୍ଠୀ ମଧ୍ୟରେ ଗୀତା ପଠନ ପ୍ରତି ଶ୍ରଦ୍ଧା ଓ ଆଗ୍ରହ ସୃଷ୍ଟି କରିବା ନିମନ୍ତେ ସାରା ଦେଶରେ ଗୀତା ଆବୃତି ପ୍ରତିଯୋଗିତାମାନ ଆୟୋଜନ କରାଯାଉଛି ବୋଲି ଉପଦେଷ୍ଟା ଶ୍ରୀ ଚୌଧୁରୀ କହିଥିଲେ ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray